# ବାରିପଦା ପୌରପରିଷଦ କାର୍ଯ୍ୟାଳୟ, ବାରିପଦା ।

ନ. 1643 / ତା. 6-3-18ରିଖ

## ନିଲାମ ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାରିପଦା ପୌରପରିଷଦ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଗୁଡିକର ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଜଉମୁଦ ନିବିଦା (Bid ) ଆହ୍ୱାନ କରାଯାଉଅଛି । ପୌର ପରିଷଦର ନିମ୍ନ ଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତି ବିଶେଷ / ଅନୁଷ୍ଠାନ ମାନେ ନିବିଦା (Bid ) ପେପର ତା. ୨୦.୦୩.୨୦୧୮ ରିଖ ଦିବା ୧ ଘଟିକା ସୁଦ୍ଧା କ୍ରୟ କରି ସେଥିରେ ଆବେଦନ କରିଥିବା ସୈରାତ ର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଉକ୍ତ ଦିନ ଦିବା ୩ ଘଟିକା ସୁଦ୍ଧା ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବ ନାହିଁ । ଯେଉଁ ମାନଙ୍କ ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ , ତାହାହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇ ଥିବା ନିବିଦା ଗୁଡିକ ସେହିଦିନ ଅର୍ଥାତ ତା. ୨୦.୦୩.୨୦୧୮ରିଖ ଦିବା ୪ ଘଟିକା ସମୟରେ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦା ଦାତା / କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । ଯଦି ଉକ୍ତ ଦିବସରେ କୌଣସି ସୈରାତ ସ୍ଥିରୀକୃତ ହୋଇ ନ ପାରିବ , ତେବେ ଦ୍ୱିତୀୟ ବାର ତା. ୨୪.୦୩.୨୦୧୮ ରିଖ ଓ ତୃତୀୟ ବାର ତା. ୨୮.୦୩.୨୦୧୮ ରିଖ ୧ ଘଟିକା ସୁଦ୍ଧା ନିବିଦା ପେପର କିଣି ସେହିଦିନ ୩ ଘଟିକା ସୁଦ୍ଧା ଆବେଦନ କରିପାରିବେ ଓ ତାହା ଉକ୍ତ ଦିନ ଦିବା ୪ ଘଟିକା ସମୟରେ ନିବିଦା କାରୀଙ୍କ ଉପସ୍ଥିତିରେ ଖୋଲାଯିବ । ନିମ୍ନଲିଖିତ ସର୍ତ୍ତାବଳି ଅନୁଯାୟୀ ନିବିଦା ଚୂଡାନ୍ତ ହେବ ।

୧. ପୂର୍ବ ବର୍ଷ ର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ ।

୨. ନିବିଦା ଦାଖଲ କରିବା ବ୍ୟକ୍ତି ବିଶେଷ ମାନେ ନିବିଦା ସହିତ Solvency certificate ବା ନିବିଦା ମୂଲ୍ୟ ର **Bank Guarantee in favour of "Executive Officer, Baripada Municipality" payable at** Baripada ଦାଖଲ କରିବେ ନଚେତ ଦାଖଲ କରିଥିବା ନିବିଦା(Bid) ଗ୍ରହଣୀୟ ହେବ ନାହିଁ ।

୩. ନିବିଦା ସହିତ ଆବଶ୍ୟକୀୟ **S.D. money** (ଅମାନତ ଟଙ୍କା ) **" Banker's Cheque in favour of " The Executive Officer, Baripada Municipality, Baripada" payable at Baripada** ଜରିଆ ରେ ଦାଖଲ କରିବେ ।

୪. ନିବିଦା ଦାତା ପୌରାଞ୍ଚଳ ର ଅଧିବାସୀ ହୋଇଥିଲେ ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଗୃହ ଟିକସ / ଦୋକାନ ଭଡା (ଯଦି ଦୋକାନ ଥାଏ ) ଓ ଅନ୍ୟାନ୍ୟ ଟେକ୍ସ ୨୦୧୭-୧୮ ବର୍ଷ ପୈଠ ସମ୍ବନ୍ଧୀୟ ରସିଦ ର ନକଲ କପି ନିବିଦା ସହିତ ଦାଖଲ କରିବେ । ନଚେତ ତାହା ଗ୍ରହଣୀୟ ହେବ ନାହିଁ ।

Contd......P/2

୫. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟ ର ସୂଚନା ପ୍ରାପ୍ତିର ୩ (ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଟଙ୍କା **D.D.** ବା **Bankers cheque in favour of " Executive Officer, Baripada Municipality"** payable at Baripada କାର୍ଯ୍ୟାଳୟରେ ପୈଠ କରିବେ , ନଚେତ ତାଙ୍କର ଦାଖଲ ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ସମ୍ପୃକ୍ତ ନିଲାମରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ନିଲାମରେ ଦିଆଯିବ |

୬. ଯେଉଁ ବ୍ୟକ୍ତି ଙ୍କ ନାମରେ ନିଲାମ ସିଦ୍ଧ ହେବ ସେ ନିର୍ବାହୀ ଅଧିକାରୀ ଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡାନ୍ତ ହେବାର ୭ (ସାତ) ଦିନ ମଧ୍ୟରେ କରିବେ |

୭. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ , ତାଙ୍କର ଅମାନତ ଟଙ୍କା ନିଲାମରେ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ |

୮. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ରେ ପରିବର୍ତ୍ତନ ହେଲେ କିମ୍ବା ନିୟମ ରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ ରହିବେ ।

## ସୈରାତ ର ବିବରଣୀ

| Sl. No. | Name of the Sairat | Period | Upset Price | S.D. Money | Cost of Quotation Paper |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Triangular place at K.M.B.M. Road | One year from 01.04.2018 to 31.03.2019 | Rs.4,69,186-00 | Rs.46,920-00 | Rs.500-00 |
| 2 | Market cycle stand | One year from 01.04.2018 to 31.03.2019 | Rs.21,266-00 | Rs.2,130-00 | Rs.200-00 |
| 3 | K.M.B.M. Cycle Stand | One year from 01.04.2018 to 31.03.2019 | Rs.10,816-00 | Rs.1,085-00 | Rs.100-00 |
| 4 | Carts & Carriage | One year from 01.04.2018 to 31.03.2019 | Rs.46,750-00 | Rs.4,675-00 | Rs.300-00 |
| 5 | Ward No.15 Tank | 3 years from 01.04.2018 to 31.03.2021 | Rs.27,250-00 | Rs.2,725-00 | Rs.200-00 |
| 6 | Baripada Market & other places except Ward No.13 & 20 | One year from 01.04.2018 to 31.03.2019 | Rs.16,18,283-00 | Rs.1,61,830-00 | Rs.1,000-00 |
| 7 | Station bazar Daily market-Ward No.13 & 20(P) | One year from 01.04.2018 to 31.03.2019 | Rs.7,22,448-00 | Rs.72,250-00 | Rs.700-00 |
| 8 | Bus-stand parking fee | One year from 01.04.2018 to 31.03.2019 | Rs.2,68,220-00 | Rs.26,825-00 | Rs.400-00 |
| 9 | Kacheri Day Night cycle & other vehicle stand | One year from 01.04.2018 to 31.03.2019 | Rs.1,21,550-00 | Rs.12,155-00 | Rs.350-00 |
| 10 | Parking place in front of church | One year from 01.04.2018 to 31.03.2019 | Rs.17,600-00 | Rs.1,760-00 | Rs.100-00 |

କାର୍ଯ୍ୟନିର୍ବାହୀ ଅଧିକାରୀ,
ବାରିପଦା ପୌରପରିଷଦ |

Contd....P/3

**ଜ୍ଞାପକ ସଂଖ୍ୟା** 1644(8) / **ତା** 6.3.18 **ରିଖ**

ଏହାର ଏକକିତା ନକଲ ପୌର ପରିଷଦ ଅଫିସ ନୋଟିସ ବୋର୍ଡ/ Municipality office Web site – www.baripadamunicipality.in / ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ / ସାଧାରଣ ଓ ବିବିଧ ବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ /ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ତହସିଲଦାର , ବାରିପଦା / ଗୋଷ୍ଠୀ ଉନ୍ନୟନ ଅଧିକାରୀ , ବାରିପଦା / ନିର୍ବାହୀ ଯନ୍ତ୍ରୀ , ରାସ୍ତା ଓ ଗୃହ ନିର୍ମାଣ ବିଭାଗ , ବାରିପଦା ଙ୍କ ନୋଟିସ ବୋର୍ଡ ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ,
ବାରିପଦା ପୌରପରିଷଦ ।

**ଜ୍ଞାପକ ସଂଖ୍ୟା** _________ / **ତା** **ରିଖ**

ଏହାର ଏକକିତା ନକଲ ଶ୍ରୀ ରବୀନ୍ଦ୍ର ନାଥ ଦାସ , ପିଅନ, ବାରିପଦା ପୌର ପରିଷଦ ଙ୍କୁ ଦିଆଯାଇ ଡାକ ବାଜିଯନ୍ତ୍ର ଦ୍ୱାରା ଗୋଟିଏ ଦିନ ପାଇଁ ବାରିପଦା ସହରରେ ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ,
ବାରିପଦା ପୌରପରିଷଦ ।

**ଜ୍ଞାପକ ସଂଖ୍ୟା** _________ / **ତା** **ରିଖ**

ଏହାର ଏକକିତା ନକଲ (1) ipr.adv@gmail.com & (2) iprenews@gmail.com ଙ୍କୁ ନିଲାମ ଇସ୍ତାହାର ରେ ଥିବା ତାରିଖ ପୂର୍ବରୁ ଗୋଟିଏ ଦିନ ଦୈନିକ ଓଡ଼ିଆ ଖବର କାଗଜରେ ପ୍ରକାଶନ ପାଇଁ ଅନୁରୋଧ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ,
ବାରିପଦା ପୌରପରିଷଦ ।